# ଦେଶ ରହିଲେ ସଂସ୍କୃତି ଓ ପରମ୍ପରା ରହିବ

## ମହିମାଗାଦୀ ଯୋରନ୍ଦାରେ ଭବ୍ୟ ଶୂନ୍ୟମଣ୍ଡପ ନିର୍ମାଣ କାର୍ଯ୍ୟ ଶୁଭାରମ୍ଭ



ଭବ୍ୟ ଶୂନ୍ୟମଣ୍ଡପ ନିର୍ମାଣ କାର୍ଯ୍ୟ ଶୁଭାରମ୍ଭ ଅବସରରେ ମଞ୍ଚାସୀନ ଅତିଥି।

**ଢେଙ୍କାନାଳ, ଗଁଦିଆ (ରତନ ନାୟାର/ବିଶ୍ୱ ମୋହନ ସାହୁ)୧।୨**

ଢେଙ୍କାନାଳ ଜିଲା ଯୋରନ୍ଦାଠାରେ ବିଶ୍ୱ ପ୍ରସିଦ୍ଧ ମହିମାଗାଦି ପୀଠରେ ରବିବାର ସନ୍ଧ୍ୟାରେ ମହିମାଗାଦିର ଉନ୍ନତୀକରଣ ଓ ଭବ୍ୟ ଶୂନ୍ୟମଣ୍ଡପ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ ହୋଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସି ନ ପାରିବାରୁ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହାର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ସେ କହିଲେ ଯେ, ମହିମାଧର୍ମର ଏକୁଡିଶାଳ ଢେଙ୍କାନାଳ । ମୁଖ୍ୟମନ୍ତ୍ରୀ ଆସି ନ ପାରିବାରୁ ତାଙ୍କ ନିର୍ଦ୍ଦେଶରେ ଆଜି ଏଠାରେ ଭବ୍ୟ ଶୂନ୍ୟ ମଣ୍ଡପର ନିର୍ମାଣ କାର୍ଯ୍ୟ ଶୁଭାରମ୍ଭ କରାଯାଇଛି । ଏଠାରେ ୨୬୩ଫୁଟର ଭବ୍ୟ ଶୂନ୍ୟମଣ୍ଡପ ନିର୍ମାଣ ହେବ। ମହିମାଗାଦିର ଉନ୍ନତୀକରଣ ପାଇଁ ବର୍ତ୍ତମାନ ସୁଦ୍ଧା ୨୪୦କୋଟି ଟଙ୍କା ମଞ୍ଜୁର ହୋଇଛି। ଆଗକୁ ଏହା ମଧ୍ୟ ବଢ଼ିପାରେ । ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀ ଏଠାକୁ ଆସିବେ । ସମଗ୍ର ଯୋରନ୍ଦା ଅଞ୍ଚଳକୁ ମଧ୍ୟ ବିକଶିତ କରାଯିବ। ଲୋକମାନଙ୍କ ମଧ୍ୟରେ ଦେଶପ୍ରେମର ଭାବନା ଜାଗ୍ରତ ହେବା ଉଚିତ। ଦେଶ ରହିଲେ ସଂସ୍କୃତି ଓ ପରମ୍ପରା ରହିବ । ଢେଙ୍କାନାଳରେ କଲ୍ୟାଣୀ ଷ୍ଟିଲ ନାମକ ପ୍ରତିରକ୍ଷା ଯନ୍ତ୍ରପାତି ନିର୍ମାଣ କାରଖାନା ପ୍ରତିଷ୍ଠା ହେବାକୁ ଯାଉଛି। ୨୦ ହଜାର ଲୋକ ନିଯୁକ୍ତି ପାଇବେ । ଯୋରନ୍ଦା ନିକଟବର୍ତ୍ତୀ ଅଞ୍ଚଳରେ ମଧ୍ୟ ଆଇନକ୍ସ ନାମକ ଏକ ଶିଳ୍ପାନୁଷ୍ଠାନ ଗଢି ଉଠିବ । ଯୋରନ୍ଦା କଲେଜ ଏବଂ ପିଏମଶ୍ରୀ ହାଇସ୍କୁଲର ଉନ୍ନତୀକରଣ କରାଯିବ ବୋଲି ମନ୍ତ୍ରୀ କହିଥିଲେ । ଏହି କାର୍ଯ୍ୟକ୍ରମରେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ଅଖିଳ ଭାରତ ଗୋସେବା ପ୍ରମୁଖ ଅଜିତ ମହାପାତ୍ର, ମହିମା ସନ୍ନ୍ୟାସୀ ବାବା ନିତ୍ୟାନନ୍ଦ ଦାସ, ଅବିନାଶୀ ବାବା, ବାବା ରମେଶ ଦାସ, ଶ୍ରୀମଦ ରଘୁନାଥ ବାବା ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ମହିମା ସାହିତ୍ୟ ପରିଷଦ ପକ୍ଷରୁ ଏକ ପତ୍ରିକା ଉନ୍ମୋଚିତ ହୋଇଥିଲା । ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଧନ୍ୟବାଦ ପ୍ରଦାନ କରିଥିଲେ।

# ଝାଡ଼ଦୀପ ପ୍ରଜ୍ୱଳନ ଓ ଜଗତ କଲ୍ୟାଣ ପାଇଁ ପ୍ରାର୍ଥନା

- ପ୍ରସିଦ୍ଧ ମାଘ ମେଳାର ଦ୍ୱିତୀୟ ଦିବସ
- ନାଟକ 'ସନ୍ଥକବି ଭୀମଭୋଇ' ମନମୋହିଲା

**ଢେଙ୍କାନାଳ, ଗଁଦିଆ (ରତନ ନାୟାର/ବିଶ୍ୱ ମୋହନ ସାହୁ)୧।୨**

ଢେଙ୍କାନାଳ ବିଶ୍ୱ ପ୍ରସିଦ୍ଧ ମହିମାଧର୍ମର ପୀଠ ମହିମାଗାଦି ଯୋରନ୍ଦାରେ ଅନୁଷ୍ଠିତ ହେଉଥିବା ପ୍ରସିଦ୍ଧ ମାଘମେଳାର ରବିବାର ଥିଲା ଦ୍ୱିତୀୟ ଦିବସ । ଏହି ସନ୍ଧ୍ୟାରେ ଗାଦିମନ୍ଦିର ସମେତ ଅନ୍ୟ ମନ୍ଦିରଗୁଡ଼ିକରେ ଝାଡ଼ଦୀପ ପ୍ରଜ୍ୱଳନ ହୋଇ ମହିମା ସନ୍ନ୍ୟାସୀମାନେ ଜଗତ କଲ୍ୟାଣ ପାଇଁ ପ୍ରାର୍ଥନା କରିଥିଲେ । ସେହିପରି ଦ୍ୱିତୀୟ ଦିବସରେ ଢେଙ୍କାନାଳର କଳା ପରିଷଦ ନାଟ୍ୟ ଅନୁଷ୍ଠାନ ପକ୍ଷରୁ 'ସନ୍ଥକବି ଭୀମଭୋଇ' ନାଟକ ପରିବେଷଣ ହୋଇଥିଲା । ଏହି ନାଟକ ଦର୍ଶକଙ୍କ ମନ ମୋହିଥିଲା । କବି ଅବନୀ ମିଶ୍ରଙ୍କ ରଚିତ, ନାଟ୍ୟକାର ଶତ୍ରୁଘ୍ନ ମାଟିଙ୍କ ନିର୍ଦ୍ଦେଶନାରେ ନାଟକ 'ସନ୍ଥକବି ଭୀମଭୋଇ' ମଞ୍ଚସ୍ଥ ହୋଇଥିଲା । ଦ୍ୱିତୀୟ ଦିବସରେ ମଧ୍ୟ ଯୋରନ୍ଦା ପୀଠରେ ଜନ ସମାଗମ ରହିଥିଲା। ଉଠା ଦୋକାନୀଗୁଡ଼ିକରେ ଲୋକଙ୍କର ଭିଡ଼ ଲାଗିଥିଲା । ସେହିପରି ଖାଦ୍ୟଷ୍ଟଲଗୁଡ଼ିକରେ ଭିଡ଼ ଜମିଥିବା ଦେଖାଯାଇଥିଲା ।



ମହିମାଗାଦିରେ ଦ୍ୱିତୀୟ ଦିବସରେ ଝାଡ଼ଦୀପ ପ୍ରଜ୍ୱଳନ ଓ ଶ୍ରଦ୍ଧାଳୁଙ୍କ ଦର୍ଶନ।

# ତୈଳିକ ବୈଶ୍ୟ ସମାଜର ବାର୍ଷିକ ଉତ୍ସବ ପାଳିତ



**ଭୁବନ,୧।୨(ବିପିନ ବିହାରୀ ସେଠୀ)**

ଢେଙ୍କାନାଳ ଜିଲା ଭୁବନ ତୈଳିକ ବୈଶ୍ୟ ସମାଜର ବାର୍ଷିକ ଉତ୍ସବ ରବିବାର ପାଳିତ ହୋଇଯାଇଛି। ସକାଳେ ନିଜ ଆରାଧ୍ୟ ଦେବତାଙ୍କୁ ପୂଜାର୍ଚ୍ଚନା ସହ ସୂର୍ଯ୍ୟପୂଜା ପରେ ସମସ୍ତ ଗୁରୁଜନଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ମୁଖ୍ୟ ଅତିଥି ଭାବେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ଯୋଗଦେଇ ବାର୍ଷିକ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମଦନ ମୋହନଙ୍କ ମନ୍ଦିର ନିକଟରୁ ପୂଜାର୍ଚ୍ଚନା ପରେ ସହର ପରିକ୍ରମା କରାଯାଇଥିଲା। ମଣ୍ଡପରୁ ବାହାରି ଆରାଧ୍ୟ ଦେବତାଙ୍କୁ ବଡ଼ଦାଣ୍ଡ ତେଲି ସାହି ଠାରେ ପୂଜାର୍ଚ୍ଚନା କରି ଯାତ୍ରାରେ ସାମିଲ କରାଯାଇଥିଲା। ଚଳିତ ବର୍ଷ ଯାତ୍ରାରେ ରାଜ୍ୟ ତଥା ରାଜ୍ୟ ବାହାରୁ ବିଭିନ୍ନ ପ୍ରକାର ସଂକୀର୍ତ୍ତନ ମଣ୍ଡଳୀ, ଘଣ୍ଟୁଆ ଓ ଲଉଡ଼ି ଖେଳ ସାମିଲ ହୋଇଥିଲେ । ଯାତ୍ରାକୁ ବୈଶ୍ୟ ସମାଜ ସଭାପତି ବିଦ୍ୟାଧର ସାହୁ, ସମ୍ପାଦକ ନୃସିଂହ ଚରଣ ସାହୁ, ଉପସଭାପତି ହରିହର ସାହୁ, ସହ ସମ୍ପାଦକ ସୁନାକର ସାହୁ, କୋଷାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପୃଷ୍ଟିଙ୍କ ତତ୍ତ୍ୱାବଧାନରେ ପରିଚାଳନା କରାଯାଇଥିଲା। ଯୁବ ସଭାପତି ପ୍ରକାଶ ଚନ୍ଦ୍ର ସାହୁ, ସମ୍ପାଦକ ସୁଦାମ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜନ କରାଯାଇଥିଲା। ୧୩ ଥାନ ସଭାପତି ନଟବର ସାହୁ ଯୋଗଦେଇ କାର୍ଯ୍ୟକ୍ରମକୁ ତଦାରଖ କରିଥିଲେ। ବରିଷ୍ଠ କର୍ମକର୍ତ୍ତା ତଥା ଉପଦେଷ୍ଟା ସୁରେନ୍ଦ୍ର କୁମାର ପୃଷ୍ଟି, ହୃଷିକେଶ ସାହୁ, ବନବିହାରୀ ପୃଷ୍ଟି, ଦୁର୍ଯ୍ୟୋଧନ ପୃଷ୍ଟି, ଜଗବନ୍ଧୁ ପୃଷ୍ଟି, ପ୍ରମୋଦ ସାହୁ, ଚକ୍ରଧର ସାହୁ, କୃଷ୍ଣଚନ୍ଦ୍ର ସାହୁ, କାଳନ୍ଦି ସାହୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ୨୪ତମ ବାର୍ଷିକ ଉତ୍ସବ

**ଢେଙ୍କାନାଳ,୧।୨(ରତନ ନାୟାର)**

ଢେଙ୍କାନାଳ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ୨୪ତମ ବାର୍ଷିକ ଉତ୍ସବ ଶନିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଢେଙ୍କାନାଳ ବିଜ୍ଞାନ କେନ୍ଦ୍ରର ଅଧିକାରୀ ମଥୁରୀ ମୋହନ ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସିବିଏସ୍‌ଇ ଦ୍ୱାରା ପରିଚାଳିତ ୧୦ମ ଓ ଦ୍ୱାଦଶ ଶ୍ରେଣୀର କୃତୀ ଶିକ୍ଷାର୍ଥୀଙ୍କୁ ଚେକ୍ ଦେଇ ପୁରସ୍କୃତ କରିଥିଲେ । ଏଥିସହିତ ଜାତୀୟସ୍ତରରେ ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ରାଷ୍ଟ୍ରପତିଙ୍କ ଦ୍ୱାରା ପୁରସ୍କୃତ ହୋଇଥିବା ସୌମ୍ୟଜିତ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଦ୍ୟାଳୟର ଅଧ୍ୟକ୍ଷ ବଳରାମ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିହୁ, ଜନଜାତି, ସମ୍ବଲପୁରୀ ନୃତ୍ୟ, ଯୋଗ ଏବଂ ମୋବାଇଲ ବ୍ୟବହାର ସମ୍ପର୍କିତ ନାଟକ ଓ ପ୍ଲାଷ୍ଟିକମୁକ୍ତ ପରିବେଶ ସମ୍ପର୍କିତ ନାଟକ ପରିବେଷଣ ହୋଇଥିଲା । ପୁରାତନ ଛାତ୍ରୀଛାତ୍ରଙ୍କ ସଙ୍ଗୀତ ପରିବେଷଣ ପରିବେଶକୁ ମନ ମୁଗ୍ଧକର କରିଥିଲା। ଶିକ୍ଷକ ଓ ଅଭିଭାବକ ସଂଘର ସଭାପତି ସୁନିଲ କୁମାର ଦାଶ, ସମ୍ପାଦକ ଦିଲୀପ କୁମାର ସାହୁ ଓ ଦେବସ୍ମିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ । ବରିଷ୍ଠ ଶିକ୍ଷକ ଦୁଃଶାସନ ବେହେରା ଧନ୍ୟବାଦ ଦେଇଥିଲେ ।


ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ୨୪ତମ ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି।

# ଅହମଦିୟା ମୁସଲିମ ସମୁଦାୟର ସାମୂହିକ ମିଳନ

**ଢେଙ୍କାନାଳ,୧।୨(ରତନ ନାୟାର)**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଗୁଣ୍ଡିଚାପଡ଼ା ଅହମଦିୟା ମୁସଲିମ ସମୁଦାୟ ପକ୍ଷରୁ ଶନିବାର ଏକ ସାମୂହିକ ମିଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମଟି ଅହମଦିୟା ମୁସଲିମ ମସଜିଦ ତୌହିଦ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ଏହି ସାମୂହିକ ମିଳନର ଉଦ୍ଦେଶ୍ୟ ଥିଲା ସମୁଦାୟର ସଦସ୍ୟମାନଙ୍କ ମଧ୍ୟରେ ଏକତା, ଭାଇଚାରା ଓ ପରସ୍ପର ସମ୍ପର୍କକୁ ଆହୁରି ସୁଦୃଢ଼ କରିବା। କାର୍ଯ୍ୟକ୍ରମରେ ଅହମଦିୟା ମୁସଲିମ ସମୁଦାୟର ସଭାପତି ସୁଲାଇମାନ୍ ଅଲି ଖାଁ, କୋଷାଧ୍ୟକ୍ଷ ଆୟୁବ ଖାଁ, ସଲିମଉଦ୍ଦିନ ଖାଁ, ମୌଲବୀ ମୁଜାଫର ଖାଁ, ମୌଲବୀ ଜଲାଲଉଦ୍ଦିନ ଖାଁ, ଯୁବ ସଂଗଠନର ଅଧ୍ୟକ୍ଷ ସୋଲେମାନ ଖାଁ, ନଇମୁଲ ଖାଁ, ମହମୁଦ ଖାଁ, ଇଦ୍ରିସ ଖାଁ, ରହିମତୁଲ୍ଲାହ୍ ଖାଁ, ହମିଦ୍ ଖାଁ, ଭାରତୀୟ ସେନାର ଜବାନ ତୋରାବ ଖାଁ, ଅବସରପ୍ରାପ୍ତ ବରିଷ୍ଠ ପୋଲିସ ନିରୀକ୍ଷକ ଫର୍ଜୁଲ୍ଲା ଖାଁ ତଥା ସ୍ତମ୍ଭକାର ଅନସାର ଅଲୀଙ୍କ ସହ ବହୁସଂଖ୍ୟକ ମହିଳା ଓ ପୁରୁଷ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ସାମୂହିକ ଆଲୋଚନା ଓ ଦୁଆ ପରେ ସମସ୍ତଙ୍କ ଉପସ୍ଥିତଙ୍କ ପାଇଁ ସାମୂହିକ ଭୋଜିର ଆୟୋଜନ ମଧ୍ୟ କରାଯାଇଥିଲା। ଏଭଳି କାର୍ଯ୍ୟକ୍ରମ ମାଧ୍ୟମରେ ସମାଜରେ ଭାଇଚାରା ଓ ସହଯୋଗର ଭାବକୁ ପ୍ରୋତ୍ସାହନ ମିଳେ ବୋଲି ଆୟୋଜକମାନେ କହିଛନ୍ତି।


ଅହମଦିୟା ମୁସଲିମ ସମୁଦାୟ ପକ୍ଷରୁ ସାମୂହିକ ମିଳନ କାର୍ଯ୍ୟକ୍ରମ।

# ଢେଙ୍କାନାଳ ଐତିହ୍ୟ ପଦଯାତ୍ରା ସମ୍ବର୍ଦ୍ଧିତ

**ଢେଙ୍କାନାଳ,୧।୨(ରତନ ନାୟାର)**

ଢେଙ୍କାନାଳ ଐତିହ୍ୟ ପଦଯାତ୍ରା ଅନୁଷ୍ଠାନକୁ ଐତିହ୍ୟ କ୍ଷେତ୍ରରେ ନିରନ୍ତର କାର୍ଯ୍ୟ ପାଇଁ ରବିବାର ଜଗତସିଂହପୁରଠାରେ ଏକ ଭବ୍ୟ ସମାରୋହରେ ସମ୍ବର୍ଦ୍ଧିତ କରାଯାଇଛି । ଆଦିକବି ସାରଳା ଦାସ ସଂସ୍କୃତି ଭବନ ଠାରେ ଆୟୋଜିତ ଜଗତସିଂହପୁର ଐତିହ୍ୟ ପଦଯାତ୍ରାର ପ୍ରଥମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଏହି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଡ.ବସନ୍ତ ମଞ୍ଜରୀ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ଡ. ଦୀପକ ସାମନ୍ତରାୟ, ଅମ୍ବିକା ପ୍ରସାଦ ପଟ୍ଟନାୟକ, ରଞ୍ଜନ କୁମାର ପଣ୍ଡା, ଶିକ୍ଷାବିତ ଭଗବାନ ଦାଶ, ଉତ୍କଳ କେଶରୀ ମହାନ୍ତି ପ୍ରମୁଖ ଅତିଥି ଭାବରେ ଯୋଗଦେଇ ପ୍ରାଚୀନ ଐତିହ୍ୟର ସଂରକ୍ଷଣ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଅତିଥିମାନେ ଢେଙ୍କାନାଳ ଐତିହ୍ୟ ପଦଯାତ୍ରାର ନିଷ୍ଠାପର ଉଦ୍ୟମକୁ ପ୍ରଶଂସା କରିବା ସହିତ ଉପଢୌକନ, ଫୁଲଗଛ ଚାରା ଓ ମାନପତ୍ର ଦେଇ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଢେଙ୍କାନାଳ ଐତିହ୍ୟ ପଦଯାତ୍ରାର ଆବାହକ ଅଧ୍ୟାପକ ସୁରେଶ ପ୍ରସାଦ ମିଶ୍ର, ବଦ୍ରିନାଥ ଜେନା, ରମେଶ ପତି, ବିଶ୍ୱରଞ୍ଜନ ଦେହୁରୀ ଓ ହୃଦାନନ୍ଦ ବେହେରା ପ୍ରମୁଖ ଏହି ସମ୍ବର୍ଦ୍ଧନା ଗ୍ରହଣ କରିଥିଲେ।



# ସ୍ୱାଧୀନତା ସଂଗ୍ରାମୀ ଧନୀ ବାରିକଙ୍କ ୧୧୪ତମ ଜୟନ୍ତୀ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ।

**ଢେଙ୍କାନାଳ,୧।୨(ରତନ ନାୟାର)**

ଢେଙ୍କାନାଳ ଜିଲା ଲେଖକ ସଂସଦ ଶାଣ୍ଡିଲ୍ୟ ବସନ୍ତ ଭବନ ପରିସରରେ କବି ବାହାଦୂର ପାଟସାହାଣିଙ୍କ ସଭାପତିତ୍ୱରେ ସ୍ୱାଧୀନତା ସଂଗ୍ରାମୀ ଧନୀ ବାରିକଙ୍କ ୧୧୪ତମ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି । ଢେଙ୍କାନାଳ ଗଡ଼ଜାତ ଆନ୍ଦୋଳନରେ ଧନୀ ବାରିକଙ୍କ ତ୍ୟାଗପୂତ ନିଃସ୍ୱାର୍ଥପର ଅବଦାନ ଭୂମିକା ଅନବଦ୍ୟ ବୋଲି ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ବ୍ରଜନାଥ ବଡ଼ଜେନା ସାହିତ୍ୟ ସଂସଦର ସଭାପତି ଶଙ୍କର୍ଷଣ ଶତପଥୀ, ବିଶିଷ୍ଟ ଅତିଥି ଭାବେ ନ୍ୟାୟମୂର୍ତ୍ତି ଭିକାରୀ ଚରଣ ରାଉତ, ମୁଖ୍ୟବକ୍ତା ଭାବେ ଜିଲା ଲେଖକ ସଂସଦର ସଭାପତି ବସନ୍ତ କୁମାର ପଟ୍ଟନାୟକ, ସମ୍ମାନିତ ବକ୍ତା ଭାବେ ଜିଲା ଲେଖକ ସଂସଦର ସମ୍ପାଦକ ହୃଦାନନ୍ଦ ଦ୍ୱିବେଦୀ ସ୍ୱାଧୀନତା ସଂଗ୍ରାମୀ ଧନୀ ବାରିକଙ୍କ ଅବଦାନ ସମ୍ବନ୍ଧରେ ଉଦବୋଧନ ଦେଇଥିଲେ । ଏଥିସହିତ ଢେଙ୍କାନାଳ ଜିଲାର ସମସ୍ତ ସ୍ୱାଧୀନତା ସଂଗ୍ରାମୀମାନଙ୍କ ପ୍ରତିମୂର୍ତ୍ତି ଜିଲା ମହକୁମାରେ ରଖାଯିବା ପାଇଁ ଜିଲାପାଳଙ୍କୁ ଅବଗତ କରାଇବା ନିମନ୍ତେ ପ୍ରସ୍ତାବ ହୋଇଥିଲା। ସ୍ୱାଧୀନତା ସଂଗ୍ରାମୀ ଧନୀ ବାରିକ ସ୍ମୃତି ସଂସଦର ସମ୍ପାଦକ କବି ବିଦ୍ୟାଧର ବାରିକଙ୍କ ଦ୍ୱାରା ଲିଖିତ ପୁସ୍ତକ 'ସ୍ୱାଧୀନତା ସଂଗ୍ରାମୀ ଧନୀ ବାରିକ ଜନ୍ମ ମାଟି ସିମିନଇ' ନାମକ ଏକ ପୁସ୍ତକ ଅତିଥିମାନଙ୍କ କରକମଳରେ ଲୋକାର୍ପିତ ହୋଇଥଲା। ଥିଙ୍କର୍ସ ଫୋରମ୍‌ର ସମ୍ପାଦକ ପ୍ରକାଶ ଚନ୍ଦ୍ର ରାଉତ, କୃଶିଦା ବେଗମ, ଉପମା ସାମଲ, ସଂଯୁକ୍ତା ଶରଣ, ସୁଶୀଲ ନନ୍ଦ ଓ ଧନୀ ବାରିକଙ୍କ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଧର ବାରିକ ସଂଯୋଜନା କରିଥିଲେ । ଲକ୍ଷ୍ମୀଧର ବାରିକ ଧନ୍ୟବାଦ୍ ପ୍ରଦାନ କରିଥିଲେ ବୋଲି ସଂସଦର ସମ୍ପାଦକ ହୃଦାନନ୍ଦ ଦ୍ୱିବେଦୀ ସୂଚନା ଦେଇଛନ୍ତି ।

# ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ, ରେଡ଼ନାଇଟ ପରିବାର ବିଜୟୀ

**ପରଜଙ୍ଗ,୧।୨ (ନିଗମାନନ୍ଦ ଦଳବେହେରା)**

ଢେଙ୍କାନାଳ ଜିଲା ପରଜଙ୍ଗ ମିନିଷ୍ଟାଡିୟମଠାରେ ରବିବାର ପରଜଙ୍ଗ କାର୍ଯ୍ୟରତ ସାମ୍ବାଦିକ ସଂଘ ସହିତ ରେଡନାଇଟି ପରିବାର ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ତଥା ସାମାଜିକ କର୍ମୀ ନିରାକାର ପ୍ରଧାନ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟରତ ସାମ୍ବାଦିକ ସଂଘ ସଭାପତି ବିନୟ କୁମାର ଦାସ, ବରିଷ୍ଠ ସାମ୍ବାଦିକ ନିଗମାନନ୍ଦ ଦଳବେହେରା, ପ୍ରଶାନ୍ତ କୁମାର ସାହୁ ଓ ସଂଘର ଅନ୍ୟ ସଭ୍ୟମାନେ ଉପସ୍ଥିତ ଥିଲେ। ଏଥିସହ ରେଡ୍‌ନାଇଟ ପରିବାରର ସଭାପତି କ୍ରିସ ସାମଲଙ୍କ ସମେତ ଅନ୍ୟ ସଭ୍ୟ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ୨ଦଳର ଖେଳାଳିଙ୍କ ସହ କର ମର୍ଦ୍ଦନ କରି କ୍ରୀଡା ଆରମ୍ଭ ପାଇଁ ସୂଚନା ଦେଇଥିଲେ। ଉଭୟ ଦଳର କ୍ୟାପ୍‌ଟେନ ଓ ଅମ୍ପାୟାରଙ୍କ ଉପସ୍ଥିତରେ ଟସ୍ ପକାଯାଇଥିଲା। ରେଡନାଇଟି କ୍ରିକେଟ କ୍ଲବ ଟସ ଜିତି ପ୍ରଥମେ ବ୍ୟାଟିଙ୍ଗ କରିବାକୁ ନିଷ୍ପତ୍ତି ନେଇଥିଲେ । ଏଥିରେ କାର୍ଯ୍ୟରତ ସାମ୍ବାଦିକ ସଂଘକୁ ହରାଇ ରେଡ୍ ନାଇଟ ଦଳ ଚାମ୍ପିୟନ ହୋଇଥିଲେ। କ୍ରୀଡ଼ାକୁ ଅଜିତ ଦଳବେହେରା, ଜଗତ ବେହେରା ପରିଚାଳନା କରିଥିଲେ। ଅଂଶୁମାନ ଗଡ଼ନାୟକ ଧାରା ବିବରଣୀ ପ୍ରଦାନ କରିଥିଲେ ।

# ମଧୁସାହୁପାଟଣା ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

**ଢେଙ୍କାନାଳ,୧।୨(ରତନ ନାୟାର)**

ଢେଙ୍କାନାଳ ସଦର ବ୍ଲକ ମଧୁସାହୁପାଟଣା ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁବାସ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଆର୍‌ସିସି. ଦେବବ୍ରତ ନାଥ, ମୁଖ୍ୟବକ୍ତା ଭାବେ ଏବିଇଓ ଭଗବାନ ବେହେରା, ସମ୍ମାନିତ ଅତିଥି ଭାବେ ପଞ୍ଚସଖା ଶିକ୍ଷାସେତୁର ଅଧ୍ୟକ୍ଷ ବେଣୁଧର ସାହୁ, ମଧୁସାହୁପାଟଣା ଗ୍ରାମ ସଭାପତି ପ୍ରକାଶ ସାହୁ, ସମ୍ପାଦକ ପବିତ୍ର ସାହୁ ଓ ଗୋପୀନାଥପାଟଣା ଗ୍ରାମ ସଭାପତି ବିନୟ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରମାନେ ନିଷ୍ଠାପର ଭାବେ ପରିଶ୍ରମ କରି ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ । ପୂର୍ବରୁ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା । ଅପରାହ୍ନରେ ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କ ପ୍ରତିନିଧି ଜ୍ଞାନରଞ୍ଜନ ନାୟକ, ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ସୁରେନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ଗୀତାଞ୍ଜଳି ସାହୁ ଓ ସିଆର୍‌ସିସି. ଅର୍ଜୁନ ନାୟକ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ । କ୍ରୀଡାର ବରିଷ୍ଠ ବିଭାଗରେ ସୌମ୍ୟାଶ୍ରୀ ସାହୁ ଓ କନିଷ୍ଠ ବିଭାଗରେ ଦେବୀଶ୍ୱରୀ ରାଉତ ଚମ୍ପିୟାନ୍ ହୋଇ ସ୍ୱତନ୍ତ୍ର ଭାବେ ପୁରସ୍କୃତ ହୋଇଥିଲେ । ଶିକ୍ଷକ ପ୍ରଦ୍ୟୁମ୍ନ ଦାସ ମଞ୍ଚ ସଞ୍ଚାଳନ କରିଥିଲେ । କାର୍ଯ୍ୟକ୍ରମ ଆୟୋଜନରେ ମଧୁସାହୁପାଟଣା କ୍ଲବ୍ ସଦସ୍ୟମାନେ ସହଯୋଗ କରିଥିଲେ ।



ମଧୁସାହୁପାଟଣା ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବରେ ଯୋଗଦେଇଥିବା ଅତିଥି।

# ମହାକାଶ ଗବେଷଣାର ସାମାଜିକ ପ୍ରଭାବ ଶୀର୍ଷକ ସମ୍ମିଳନୀ

**ସାତମାଇଲ, ୧।୨ (ସୁଶାନ୍ତ ପତି)**

ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟାସ୍ଥିତ ହିନ୍ଦୋଳ ମହାବିଦ୍ୟାଳୟ ପରିସରରେ ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗ ଓ ଓଡ଼ିଶା ଫିଜିକାଲ ସୋସାଇଟ ସହଯୋଗ ଓ ପିଏମ ଉଷା ଆର୍ଥିକ ସହାୟତାରେ ହିନ୍ଦୋଳ 'ମହାକାଶ ଗବେଷଣାର ସାମାଜିକ ପ୍ରଭାବ' ଶୀର୍ଷକ ଦୁଇ ଦିବସୀୟ ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ ହୋଇଛି । ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର୍ ପ୍ରଦୀପ କୁମାର ଧଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମ୍ମିଳନୀରେ ରସାୟନ ବିଜ୍ଞାନ ବିଭାଗର ମୁଖ୍ୟ ସୁକାନ୍ତ କୁମାର ପତିଙ୍କ ସଂଯୋଜନାରେ ପିଏମ-ଉଷାର କାର୍ଯ୍ୟ ନିର୍ବାହୀ ସଂଯୋଜକ ତଥା ଇଂଲିଶ ବିଭାଗର ଅଧ୍ୟାପକ ଦିଲ୍ଲୀପ କୁମାର ଗଡନାୟକ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ରାୟପୁରସ୍ଥିତ ପଣ୍ଡିତ ରବିଶଙ୍କର ଶୁକ୍ଳା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର୍ ଏସ.କେ. ପାଣ୍ଡେ ଯୋଗଦେଇ ସମାଜର ବିଭିନ୍ନ କ୍ଷେତ୍ରରେ ମହାକାଶ ଗବେଷଣାର ପ୍ରଭାବ ଓ ଉପଯୋଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ରୂପେ ସମ୍ବଲପୁରସ୍ଥିତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ତଥା ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦର କାର୍ଯ୍ୟ ନିର୍ବାହୀ ସଦସ୍ୟ ପ୍ରଫେସର୍ ଅତନୁ କୁମାର ପତି ଯୋଗଦେଇ ମହାକାଶ ଗବେଷଣା ମାନବ ସମାଜ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱରସ୍ଥିତ ଜାତୀୟ ବିଜ୍ଞାନ ଶିକ୍ଷା ଓ ଅନୁସନ୍ଧାନ ପ୍ରତିଷ୍ଠାନର ପ୍ରଫେସର ତଥା ଭଟ୍ଟନଗର ପୁରସ୍କାର ବିଜେତା ବୈଜ୍ଞାନିକ ବେଦାଙ୍ଗଦାସ ମହାନ୍ତି, ଓଡ଼ିଶା ପଦାର୍ଥ ବିଜ୍ଞାନର ସଭାପତି ଡକ୍ଟର ସ୍ନିଗ୍ଧା ମିଶ୍ର ଓ ସମ୍ପାଦକ ଡକ୍ଟର ରାଜକିଶୋର ମିଶ୍ର, ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରାଧ୍ୟାପକ ଲମ୍ବୋଦର ପ୍ରସାଦ ସିଂ, ଡକ୍ଟର ଇକବଲ ହୁସେନ, ଡିଆର୍‌ଡିଓ ବୈଜ୍ଞାନିକ କେ.କେ. ଚାନ୍ଦ, ଡକ୍ଟର ପ୍ରସନ୍ନ କୁମାର ମିଶ୍ର, ଏସ.କେ ପଟେଲ, ଡକ୍ଟର ଏସ.କେ ତ୍ରିପାଠୀ, ଡକ୍ଟର ରାଜେଶ କୁମାର ନାୟକ, ଡକ୍ଟର ନନ୍ଦ କୁମାର ଚକ୍ରଧାରୀ, ଡ. ଏସ.କେ ସାହୁ, ଡ. କେ. କେ. ବଳ ଓ ଡ. କେ. ସି ଦାସ ପ୍ରମୁଖ ଯୋଗଦେଇଥିଲେ। ପଦାର୍ଥ ବିଜ୍ଞାନ ବିଭାଗର ମୁଖ୍ୟ ତଥା କାର୍ଯ୍ୟକ୍ରମର ସଂଯୋଜକ ଜୟନ୍ତ ନାରାୟଣ ପତି ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ।

